# ସତ୍ୟବାଣୀ

## THE VOICE OF TRUTH

Jan & Feb, 1999

AN ORIYA BIMONTHLY BULLETIN
PUBLISHED BY THE CHURCH OF CHRIST

# The Voice of Truth

**CHURCH OF CHRIST**
**P.O. Box No. 80, KAKINADA,**
**A.P. - 533 001**
**Ph. 0884 - 63722**

**Vol. 4 Jan & Feb , 1999 No. 1**

Published every two months in Oriya Language for the Restoration of pure New Testament Christianity



**FREE!** **FREE!!** **FREE!!**

Study the Bible in the quiet of your own home. Enroll yourself in the **BASIC BIBLE COURSE** in Oriya language. Complete the course and obtain a copy of Oriya Holy Bible obsolutely free! Send your address today to:

**THE DIRECTOR**
**BIBLE CORRESPONDENCE COURSE**
**P.O. Box. 80, KAKINADA - 533 001.**

# ସତ୍ୟ ବାଣୀ

# VOICE OF TRUTH

VOL.-I KAKINADA JAN.-FEB.—1999

## ପ୍ରାର୍ଥନା

### ( PRAYER )

ନୂତନ ନିୟମର ଉପାସନାରେ ପ୍ରାର୍ଥନା ଅନ୍ୟତମ ଅଂଶ । ପ୍ରଥମ ଶତାବ୍ଦୀର ଖ୍ରୀଷ୍ଟିୟାନମାନେ ଉପାସନା ନିମନ୍ତେ ଏକତ୍ରିତ ହେବା ସମୟରେ ପ୍ରାର୍ଥନାରେ ନିମଗ୍ନ ହେଉଥିଲେ । ମଣ୍ଡଳୀ ସ୍ଥାପନ ପରେ ୨ ସେମାନଙ୍କ ବିଷୟରେ କୁହାଯାଏ, "ସେମାନେ ପ୍ରେରିତ ମାନଙ୍କର ଶିକ୍ଷାରେ, ସହଭାଗିତାରେ, ରୋଟୀ ଭାଙ୍ଗିବାରେ ଓ ପ୍ରାର୍ଥନା କରିବାରେ ନିବିଷ୍ଟଚିତ୍ତ ହୋଇ ରହିଲେ ।" [ପ୍ରେରିତ ୨ : ୪୨] । ଏହି ବାକ୍ୟ ଆଦିମ ଖ୍ରୀଷ୍ଟିୟାନମାନଙ୍କ ପ୍ରାର୍ଥନାଶୀଳ ଜୀବନ ବ୍ୟକ୍ତ କରେ ।

ପ୍ରାର୍ଥନାର ଅର୍ଥ ଧ୍ୟାନ, ବିନତି, ନିବେଦନ ପ୍ରଭୃତି ସରଳ ଭାବେ ପରମେଶ୍ୱରଙ୍କ ସହିତ କଥା କହିବା । ଏହା କେବଳ ଉପାସନାର ଏକ ମୁଖ୍ୟ ଅଂଶ ନୁହେଁ, କିନ୍ତୁ ଆମ୍ଭମାନଙ୍କ ଦୈନିକ ଜୀବନର ଏକ ପ୍ରଧାନ କାର୍ଯ୍ୟ । ପାଉଲ ଲେଖନ୍ତି "ସର୍ବ ପ୍ରକାର ପ୍ରାର୍ଥନା ଓ ନିବେଦନରେ ସର୍ବଦା ଆତ୍ମାଙ୍କ ସାହାଯ୍ୟରେ ପ୍ରାର୍ଥନା କର, ପୁଣି ସମସ୍ତ ସାଧୁଙ୍କ ନିମନ୍ତେ ଏକାନ୍ତ ଉଦ୍ୟମ ଓ ନିବେଦନ କରିବାରେ ଜାଗି ରହି ପ୍ରାର୍ଥନା କର ।" [ଏଫିସୀ ୬ : ୧୮ । "ନିରନ୍ତର ପ୍ରାର୍ଥନା କର ।" ବୋଲି ସେ ଥେସଲନୀକୀ ମଣ୍ଡଳୀକୁ ଆଦେଶ ଦେବା ସଙ୍ଗେ ୨ ଆମ୍ଭମାନଙ୍କୁ ଆଦେଶ ଦିଅନ୍ତି ।

## ୧: ଖ୍ରୀଷ୍ଟିୟାନ ଅର୍ଥାତ୍ ଈଶ୍ୱର ସନ୍ତାନ ମାନଙ୍କ ନିମନ୍ତେ ପ୍ରାର୍ଥନା, ଏକ ବରଦାନ ।

ଅଖ୍ରୀଷ୍ଟିୟାନମାନେ ପ୍ରାର୍ଥନା କରି ପାରନ୍ତି ନାହିଁ ବୋଲି ଏହାର ଅର୍ଥ ନୁହେଁ । କିନ୍ତୁ ଏହା ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ଏକ ବରଦାନ ବୋଲି ଶାସ୍ତ୍ର ସୁସ୍ପଷ୍ଟ କରେ । ବାକ୍ୟ କହେ, "ଈଶ୍ୱର ଯେ ପାପୀମାନଙ୍କ କଥା ଶୁଣନ୍ତି ନାହିଁ, ଏହା ଆମ୍ଭେମାନେ ଜାଣୁ, କିନ୍ତୁ ଯଦି କେହି ଈଶ୍ୱର ଭକ୍ତ ହୋଇ ତାହାଙ୍କର ଇଚ୍ଛା ସାଧନ କରେ ତାହା ହେଲେ ସେ ଶୁଣନ୍ତି ।" [ଯୋହନ ୯ : ୩୧] । ମନୁଷ୍ୟର ପ୍ରାର୍ଥନା ପରମେଶ୍ୱରଙ୍କ ଗ୍ରାହ୍ୟଯୋଗ୍ୟ ହେବା ନିମନ୍ତେ ଏଠାରେ ଏକ ସର୍ତ୍ତ ଦିଆଯାଇଅଛି :—ଈଶ୍ୱର ଭକ୍ତ ହୋଇ ତାହାଙ୍କ ଇଚ୍ଛା ପାଳନ କରିବା । ଜଣେ ଖ୍ରୀଷ୍ଟିୟାନ ହିଁ ଈଶ୍ୱରଭକ୍ତ ହୋଇ ତାହାଙ୍କ ଇଚ୍ଛା ସାଧନ କରି ପାରିଥାଏ । ପାପୀମାନେ କି ପାପକ୍ଷମା ପ୍ରାର୍ଥନା କରିବା ଆବଶ୍ୟକ ? ତାହାଙ୍କ ବାକ୍ୟରେ ବିଶ୍ୱାସ କରି ବାପ୍ତିଜିତ ହେଲେ ମନୁଷ୍ୟର ପାପକ୍ଷମା ହୁଏ, କିନ୍ତୁ କେବଳ ପ୍ରାର୍ଥନା ଦ୍ୱାରା ନୁହେଁ । [ମାର୍କ ୧୬ : ୧୬] । ମନୁଷ୍ୟ, ବିଶ୍ୱାସ ନିମନ୍ତେ ପ୍ରାର୍ଥନା କରିବା ବ୍ୟର୍ଥ, କାରଣ ତାହା ବାକ୍ୟ ଶ୍ରବଣରୁ ଜାତହୁଏ । ଈଶ୍ୱରଙ୍କ ବାକ୍ୟ ଶ୍ରବଣ ବିନୁ ପ୍ରାର୍ଥନା ଦ୍ୱାରା ବିଶ୍ୱାସ ଜାତହୁଏ ନାହିଁ ବୋଲି ଯୋହନ ୨୦ : ୩୦, ୩୧ ଓ ରୋମୀୟ ୧୦ : ୧୭ ପଦଗୁଡ଼ିକରୁ ଜାଣିପାରୁ ।

ନୂତନ ନିୟମର ପୃଷ୍ଠା ଗୁଡ଼ିକରେ ଉଲ୍ଲେଖିତ "ପ୍ରାର୍ଥନା" ପଦ କେବଳ ଖ୍ରୀଷ୍ଟିୟାନ ମାନଙ୍କ ଉଦ୍ଦେଶ୍ୟରେ ଲିଖିତ ହୋଇଅଛି । ଆଜ୍ଞାବହତା ଦ୍ୱାରା ମନୁଷ୍ୟ, ଈଶ୍ୱରଙ୍କ ସନ୍ତାନ ହୋଇଥାଏ । [ଗାଲାତି ୩ : ୨୬, ୨] । ତେଣୁକରି ଆମ୍ଭେମାନେ ତାହାଙ୍କୁ "ପିତା" ବୋଲି ସମ୍ବୋଧନ କରୁ । [ରୋମୀୟ ୮ : ୧୫] । ଯେକୌଣସି ବ୍ୟକ୍ତି ଯଦି ପ୍ରାର୍ଥନା ଦ୍ୱାରା ପରମେଶ୍ୱରଙ୍କ ନିକଟବର୍ତ୍ତୀ ହୋଇ ପାରେ, ତେବେ ଖ୍ରୀଷ୍ଟିୟାନ ଓ ଅଖ୍ରୀଷ୍ଟିୟାନ ମାନଙ୍କ ମଧ୍ୟରେ ଆଉ ପାର୍ଥକ୍ୟ କଅଣ

ରହିଲ ? ଉପରୋକ୍ତ କାରଣ ଗୁଡ଼ିକ ପ୍ରାର୍ଥନା ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ଏକ ଆତ୍ମିକ ବରଦାନବୋଲି ଜାଣିପାରିଲୁ । [ଏଫିସ ୧:୩]

## ୨: ଆମ୍ଭମାନଙ୍କ ପ୍ରାର୍ଥନା ଯୀଶୁଖ୍ରୀଷ୍ଟଙ୍କ ମାଧ୍ୟମରେ ଈଶ୍ୱରଙ୍କୁ ଅର୍ପିତ କରିବା ଆବଶ୍ୟକ ।

ସର୍ବଶକ୍ତିମାନ ପିତା ପରମେଶ୍ୱର ସମସ୍ତ ଆଶୀଷର କୋଷ ଅଟନ୍ତି । ସେ ଆମ୍ଭମାନଙ୍କ ବନ୍ଦନା ଓ ଧନ୍ୟବାଦର ଯୋଗ୍ୟପାତ୍ର ଅଟନ୍ତି । ପବିତ୍ର ପରମେଶ୍ୱର ଓ ଆମ୍ଭମାନଙ୍କ ମଧ୍ୟରେ ପାପ ଯୋଗୁଁ ଅଗାଧ ବ୍ୟବଧାନ ଥିବାରୁ ଆମ୍ଭେମାନେ ତାହାଙ୍କ ନିକଟକୁ ପହଞ୍ଚି ନପାରୁ । ଏଥି ନିମନ୍ତେ ଆମ୍ଭମାନଙ୍କୁ କୌଣସି ମନୁଷ୍ୟର ସାହାଯ୍ୟ ଆବଶ୍ୟକ ନାହିଁ । କାରଣ ଆମ୍ଭମାନଙ୍କ ମଧ୍ୟସ୍ଥ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଅଟନ୍ତି ! ଯାହାଙ୍କ ମାଧ୍ୟମରେ ଆମ୍ଭେମାନେ ଅନୁଗ୍ରହ ସିଂହାସନ ନିକଟବର୍ତ୍ତୀ ହୋଇପାରୁ । ବାକ୍ୟ କହେ, "ହେ ମୋହର ବତ୍ସଗଣ, ତୁମ୍ଭେମାନେ ଯେପରି ପାପ ନ କର ଏଥି ନିମନ୍ତେ ମୁଁ ଏହି ସବୁ ତୁମ୍ଭମାନଙ୍କୁ ଲେଖୁଅଛି । କିନ୍ତୁ କେହି ଯଦି ପାପ କରେ, ତାହାହେଲେ ପିତାଙ୍କ ସମ୍ମୁଖରେ ଆମ୍ଭମାନଙ୍କର ଜଣେ ସମର୍ଥ ବାଦୀ ଅଛନ୍ତି, ସେହି ଧାର୍ମିକ ଯୀଶୁ ଖ୍ରୀଷ୍ଟ ।" [୧ମ ଯୋହନ ୨ : ୧, ୨] । 'କାରଣ ଏକମାତ୍ର ଈଶ୍ୱର ଅଛନ୍ତି, ଆଉ ଈଶ୍ୱର ଓ ମନୁଷ୍ୟମାନଙ୍କ ମଧ୍ୟରେ ଏକମାତ୍ର ମଧ୍ୟସ୍ଥ ଅଛନ୍ତି, ସେ ଖ୍ରୀଷ୍ଟଯୀଶୁ ଜଣେ ମନୁଷ୍ୟ ।' [୧ମ ତୀମଥି ୨ : ୫] । ଅତଏବ ଆମ୍ଭେମାନେ ସର୍ବଦା ପ୍ରଭୁ ଯୀଶୁଙ୍କ ନାମରେ, ଅର୍ଥାତ୍ ତାହାଙ୍କ ଅଧିକାର ଦ୍ୱାରା ପ୍ରାର୍ଥନା କରିବା ଆବଶ୍ୟକ ।

## ୩: ଆତ୍ମା ଓ ସତ୍ୟରେ ପ୍ରାର୍ଥନା କରିବା ।

ଯୋହନ ୪ : ୨୪ ପଦରୁ ଆମ୍ଭେମାନେ ଆତ୍ମା ଓ ସତ୍ୟରେ ଉପାସନା କରିବା ଆବଶ୍ୟକବୋଲି ଜାଣିପାରୁ, ପ୍ରାର୍ଥନା ଉପାସନାର ଅଂଶ ହୋଇଥିବାରୁ, ଆମ୍ଭେମାନେ ଆତ୍ମା ଓ ସତ୍ୟରେ ପ୍ରାର୍ଥନା

କରିବା ଆବଶ୍ୟକ । "କାରଣ ମୁଁ ଯଦି ପରଭାଷାରେ ପ୍ରାର୍ଥନା କରେ ତେବେ ମୋହର ଆତ୍ମା ପ୍ରାର୍ଥନା କରେ । କିନ୍ତୁ ମୋହର ବୁଦ୍ଧି ଫଳହୀନ ହୁଏ । ତେବେ କର୍ତ୍ତବ୍ୟ କଅଣ ? ମୁଁ ଆତ୍ମା ଦ୍ୱାରା ପ୍ରାର୍ଥନା କରିବି, ପୁଣି ବୁଦ୍ଧି ସହିତ ମଧ୍ୟ ପ୍ରାର୍ଥନା କରିବି, ଆତ୍ମା ଦ୍ୱାରା ସ୍ତୁତି-ଗାନ କରିବି । ପୁଣି ବୁଦ୍ଧି ସହିତ ମଧ୍ୟ ସ୍ତୁତିଗାନ କରିବି ।" [୧ମ କରିନ୍ଥୀ ୧୪ : ୧୪, ୧୫] । ଆମ୍ଭମାନଙ୍କ ପ୍ରାର୍ଥନା ବୁଦ୍ଧି, ବିବେକ, ନମ୍ରତା ସହ ପ୍ରଭୁଙ୍କ ନିକଟରେ ଉପସ୍ଥାପନା କରିବା ଆବଶ୍ୟକ ବୋଲି ଏହି ବାକ୍ୟରୁ ଜାଣିପାରୁ । ତାହାଙ୍କ ଇଚ୍ଛା ବିରୁଦ୍ଧ କୌଣସି ନିବେଦନ ତାହାଙ୍କ ଗ୍ରାହ୍ୟ ଯୋଗ୍ୟନୁହେଁ । ଥରେ ତାହାଙ୍କ ଦୁଇ ଶିଷ୍ୟ ଗୋଟିଏ ଅଜବ ବିନତି କରିଥିଲେ । ଉତ୍ତରରେ ପ୍ରଭୁ କହିଥିଲେ, " .. ତୁମ୍ଭେମାନେ କଅଣ ମାଗୁଅଛ, ତାହା ଜାଣୁ ନାହଁ । ମୁଁ ଯେଉଁ ପାତ୍ରରେ ପାନ କରିବାକୁ ଯାଉଅଛି । ସେଥିରେ କି ତୁମ୍ଭେମାନେ ପାନ କରିପାର ?" [ମାଥିଉ ୨୦ : ୨୨] । ପୁନଃବାର ସେ କହନ୍ତି, " .. ଆହୁରି ଲେଖା ଅଛି, ତୁମ୍ଭେ ପ୍ରଭୁ ଆପଣା ଈଶ୍ୱର-ଙ୍କ ପରୀକ୍ଷା କରିବ ନାହିଁ ।" [ମାଥିଉ ୪ : ୭] ।

ଏଥି ନିମନ୍ତେ ଆମ୍ଭେମାନେ "ପ୍ରଭୁଙ୍କ ପ୍ରାର୍ଥନା" ବା (ନମୁନା ପ୍ରାର୍ଥନା) କରିବା ଅନାବଶ୍ୟକ । [ମାଥିଉ ୬ : ୯-୧୦] । କାରଣ ଯେଉଁ " ଈଶ୍ୱରଙ୍କ ରାଜ୍ୟ " ସ୍ଥାପିତ ହୋଇ ସାରିଅଛି, ତାହାର ସ୍ଥାପନ ନିମନ୍ତେ ବିନତି କରିବା ହାସ୍ୟସ୍ପଦର ବିଷୟ । [ଏବ୍ରୀ ୧୨:୨୮] ।

## ୪: ପ୍ରାର୍ଥନାର ବିଷୟ ବସ୍ତୁ ।

ଆମ୍ଭମାନଙ୍କ ପ୍ରାର୍ଥନା ଧନ୍ୟବାଦ ଯୁକ୍ତ ପ୍ରାର୍ଥନା ହେବା ଆବଶ୍ୟକ । "କୌଣସି ବିଷୟରେ ଚିନ୍ତିତ ହୁଅ ନାହିଁ, କିନ୍ତୁ ସମସ୍ତ ବିଷୟରେ ପ୍ରାର୍ଥନା ଓ ବିନତି ଦ୍ୱାରା ଧନ୍ୟବାଦ ସହ ତୁମ୍ଭମାନଙ୍କର ନିବେଦନ ସବୁ ଈଶ୍ୱରଙ୍କ ନିକଟରେ ଜଣାଅ ।" [ଫିଲିପି ୪ : ୬] ।

ଦୁର୍ଦ୍ଦିନରେ ପ୍ରଭୁଙ୍କ ସାହାଯ୍ୟ ଭିକ୍ଷା କରିବା ଆବଶ୍ୟକ । "ଅତଏବ, ପିତର କାରାଗାରରେ ରୁଦ୍ଧ ହୋଇ ରହିଲେ, କିନ୍ତୁ ତାଙ୍କ ନିମନ୍ତେ ମଣ୍ଡଳୀ ଦ୍ୱାରା ଏକାଗ୍ର ଭାବରେ ଈଶ୍ୱରଙ୍କ ଛାମୁରେ ପ୍ରାର୍ଥନା କରାଯାଉଥିଲା ।" [ପ୍ରେରିତ ୧୨ : ୫] ।

ଆମ୍ଭମାନଙ୍କ ଶାସନ କର୍ତ୍ତା ନେତାମାନଙ୍କ ନିମନ୍ତେ ପ୍ରାର୍ଥନା କରିବା ନିମନ୍ତେ ଆଦେଶିତ ହୋଇଅଛୁ । [ରୋମୀୟ ୧୩ ପର୍ବ] ।

ଆମ୍ଭମାନେ ପରସ୍ପର ନିମନ୍ତେ ପ୍ରାର୍ଥନା କରିବା ଉଚିତ । "ଅତଏବ, ପରସ୍ପର ନିକଟରେ ଆପଣା ୨ର ପାପ ସ୍ୱୀକାର କର । ପୁଣି ସୁସ୍ଥ ହେବା ନିମନ୍ତେ ପରସ୍ପର ପାଇଁ ପ୍ରାର୍ଥନା କର । ଧାର୍ମିକ ବ୍ୟକ୍ତିର ପ୍ରାର୍ଥନା ଅନେକକାର୍ଯ୍ୟ ସାଧନକରେ ।" [ଯାକୁବ ୫:୧୬]

ରୋଗୀମାନଙ୍କ ନିମନ୍ତେ ସୁସ୍ଥତା ପ୍ରାର୍ଥନା କରିବା ଆବଶ୍ୟକ । "ତୁମ୍ଭମାନଙ୍କ ମଧ୍ୟରେ କଅଣ କେହିପୀଡ଼ିତ ? ସେ ମଣ୍ଡଳୀର ପ୍ରାଚୀନ ମାନଙ୍କୁ ଡକାଇ ସେମାନେ ପ୍ରଭୁଙ୍କ ନାମରେ ତୈଳ ଲଗାଇ ତାହାନିମନ୍ତେ ପ୍ରାର୍ଥନାକରନ୍ତୁ । ବିଶ୍ୱାସଯୁକ୍ତ ପ୍ରାର୍ଥନା ସେହି ରୋଗୀକୁ ରକ୍ଷା କରିବ । ପୁଣି ପ୍ରଭୁ ତାହାକୁ ଉଠାଇବେ, ଆଉ ଯଦି ସେ ପାପ କରିଥାଏ, ତାହାଲେ ତାହାକୁ କ୍ଷମା ଦିଆଯିବ ।" [ଯାକୁବ ୫:୧୪,୧୫] । ମଣ୍ଡଳୀ ଅଭିବୃଦ୍ଧି, ସ୍ୱପରିବାର ବିନଷ୍ଟ ହେଉଥିବା ଆତ୍ମାମାନଙ୍କୁ ଆମ୍ଭମାନଙ୍କ ପ୍ରାର୍ଥନାରେ ଅନ୍ତର୍ଭୁକ୍ତ କରିବା ଆବଶ୍ୟକ ।

## ୪: ପ୍ରାର୍ଥନା ବିଷୟକ କେତୋଟି ସତର୍କତା ।

ଖ୍ରୀଷ୍ଟ କହନ୍ତି, "ପ୍ରାର୍ଥନା କରିବା ସମୟରେ କପଟୀମାନଙ୍କ ପରିହୁଅ ନାହିଁ, କାରଣ ସେମାନେ ଲୋକ ଦେଖାଇବା ପାଇଁ ସମାଜ ଗୃହ ଓ ଛକକୋଣରେ ଠିଆହୋଇ ପ୍ରାର୍ଥନା କରିବାକୁ ଭଲପାଆନ୍ତି,

ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛୁ । ସେମାନେ ଆପଣା ୨ ପୁରସ୍କାର ପାଇଅଛନ୍ତି । କିନ୍ତୁ ତୁମ୍ଭେ ପ୍ରାର୍ଥନା କରିବା ସମୟରେ ତୁମ୍ଭର ଗୁପ୍ତ କୋଠରୀରେ ପ୍ରବେଶକର, ପୁଣି ତୁମ୍ଭର ଦ୍ୱାର ରୁଦ୍ଧକରି ଗୋପନରେ ଥିବା ତୁମ୍ଭ ପିତାଙ୍କ ସମ୍ମୁଖରେ ପ୍ରାର୍ଥନା କର, ଆଉ ତୁମ୍ଭର ପିତା ଯେ ଗୋପନରେ ଦେଖନ୍ତି, ସେ ତୁମ୍ଭକୁ ଫଳ ଦେବେ । ପୁଣି ପ୍ରାର୍ଥନା କରିବା ସମୟରେ ବିଜାତୀୟମାନଙ୍କ ପରି ଅନର୍ଥକ ପୁନରୁକ୍ତି କରନାହିଁ, କାରଣ ସେମାନେ ବହୁତ କଥା କହିବାରୁ ସେମାନଙ୍କ ପ୍ରାର୍ଥନା ଶୁଣାଯିବ ବୋଲି ମନେ କରନ୍ତି, ଏଣୁ ସେମାନଙ୍କ ପରିହୁଅନାହିଁ, କାରଣ ତୁମ୍ଭମାନଙ୍କର କଅଣ ପ୍ରୟୋଜନ - ମାଗିବା ପୂର୍ବରୁ ତୁମ୍ଭମାନଙ୍କର ପିତା ଈଶ୍ୱର ତାହା ଜାଣନ୍ତି ।" [ମାଥିଉ ୬ : ୫-୮] । "କାରଣ ଯେବେ ଲୋକମାନଂକର ଅପରାଧସବୁ କ୍ଷମାକର, ତେବେ ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା ତୁମ୍ଭମାନଙ୍କୁ ମଧ୍ୟ କ୍ଷମା କରିବେ, କିନ୍ତୁ ଯେବେ ଲୋକମାନଙ୍କୁ କ୍ଷମା ନକର, ତେବେ ତୁମ୍ଭମାନଂକ ପିତା ମଧ୍ୟ ତୁମ୍ଭମାନଙ୍କୁ କ୍ଷମା କରିବେ ନାହିଁ ।" [ମାଥିଉ ୬ : ୧୪-୧୫] ।

ଦୈନିକ ଜୀବନରେ ତଥା ଉପାସନାରେ, ପ୍ରାର୍ଥନା ଆମ୍ଭମାନଂକ ଜୀବନରେ ଏକ ପ୍ରଧାନଅଂଶ । ପ୍ରତ୍ୟେକ ଖ୍ରୀଷ୍ଟିୟାନ ବ୍ୟକ୍ତିଗତ ଭାବେ ତଥା ସାମୁହିକ ଭାବେ ତାହାଂକ ନାମରେ ପ୍ରାର୍ଥନା କରିବାକୁ ସୁଯୋଗ ପାଇଥାଂନ୍ତି । ଯେଉଁ ଖ୍ରୀଷ୍ଟିୟାନମାନେ ନିୟମିତ ଭାବେ ଉପାସନାରେ ଯୋଗ ଦିଅନ୍ତି । ସେମାନଂକ ବ୍ୟକ୍ତିଗତ ଆତ୍ମିକ ଜୀବନ ମଧ୍ୟ ସୁଦୃଢ଼ ଥାଏ । ଅନ୍ୟପକ୍ଷରେ ନିୟମିତ ଭାବେ ଉପାସନାରେ ଯୋଗ ନ ଦେବା ଖ୍ରୀଷ୍ଟିୟାନମାନଂକ, ବ୍ୟକ୍ତିଗତ ପ୍ରାର୍ଥନା ଜୀବନ ମଧ୍ୟ ଶିଥିଳ ହୁଏ ।

ବିଶ୍ୱାସରେ ପ୍ରାର୍ଥନା କର, ମାଗ ତୁମ୍ଭକୁ ଦିଆଯିବ । ପ୍ରାର୍ଥନାରେ ଥିବା ଶକ୍ତି ତୁମ୍ଭେ ପାଇବ ।

—J. C. CHOATE

❋

# ପାପୀମାନଙ୍କ ବନ୍ଧୁ : ଯୀଶୁଖ୍ରୀଷ୍ଟ

## ( Jesus Christ : The Friend of Sinners)

ଯୀଶୁଖ୍ରୀଷ୍ଟଙ୍କ ସମାଲୋଚକ ମାନେ ତାହାଙ୍କୁ "ପାପୀ ମାନଙ୍କ ବନ୍ଧୁ" ବୋଲି ଉପନାମ ଦେଇଥିଲେ । (ଲୂକ ୭;୩୪)ଯଦ୍ୟପି ସେମାନେ ଉପହାସର୍ଥେ ଏହି ନାମରେ ନାମିତ କରିଥିଲେ, ପ୍ରକୃତରେ ସେମାନେ ଏକ ସୁନ୍ଦର ଓ ଅନନ୍ତ ସତ୍ୟ ଘୋଷଣା କରୁଥିଲେ କାରଣ ସେ ପ୍ରକୃତରେ "ପାପୀ ମାନଙ୍କ ବନ୍ଧୁ" ଅଟନ୍ତି ।

ମନୁଷ୍ୟ ଯେତେ ଅପରାଧୀ, ଭ୍ରଷ୍ଟ ଓ କୁଟିଳାଚାରୀ ହେଲେ ମଧ୍ୟ ଯୀଶୁ ତାହାର ବନ୍ଧୁ ଅଟନ୍ତି । "ସମସ୍ତେ ତ ପାପ କରିଅଛନ୍ତି ପୁଣି ଈଶ୍ବରଙ୍କ ଗୌରବ ରହିତ ହୋଇଅଛନ୍ତି '(ରୋମୀୟ ୩;୨୩)' କାରଣ ଆମ୍ଭେ ସମସ୍ତେ ଅଶୁଚି ଲୋକ ତୁଲ୍ୟ ହୋଇଅଛୁ ଓ ଆମ୍ଭ ମାନଙ୍କର ଧର୍ମ କର୍ମସବୁ ଅଶୁଚି ବସ୍ତ୍ର ତୁଲ୍ୟ ଅଟେ ଓ ଆମ୍ଭେ ସମସ୍ତେ ପତ୍ର ତୁଲ୍ୟ ଜୀର୍ଣ୍ଣ ହୋଇ ଅଛୁ ଆଉ ଆମ୍ଭମାନଙ୍କର ଅପରାଧସବୁ ବାୟୁ ପରି ଆମ୍ଭମାନଙ୍କୁ ଉଡ଼ାଇ ନିଏ"(ଯିଶାଇୟ୬୪:୬) ତଥାପି ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କ ବନ୍ଧୁ ଅଟନ୍ତି ।

ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କୁ ଆପଣା ରକ୍ତଦ୍ବାରା ପାପରୁ ଆମ୍ଭମାନଙ୍କୁ ମୁକ୍ତକରି ଦୁର୍ଦ୍ଦଶାରୁ ଉଦ୍ଧାର କରି ଥିବାରୁ ସେ ଆମ୍ଭମାନଙ୍କ ବନ୍ଧୁ ଅଟନ୍ତି । ସେ ଲୂକ ୧୯ : ୧୦ ପଦରେ କହନ୍ତି, "କାରଣ ଯାହା ହଜିଅଛି, ତାହା ଖୋଜି ରକ୍ଷା କରିବାକୁ ମନୁଷ୍ୟ ପୁତ୍ର ଆସିଅଛନ୍ତି । "ପାଉଲଙ୍କ ଲେଖନୀ କହେ ।" କାରଣ ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଅନୁଗ୍ରହ ତୁମ୍ଭେମାନେ ଜାଣ, ତୁମ୍ଭେମାନେ ତାହାଙ୍କ ଦରିଦ୍ରତା ଦ୍ୱାରା ଧନବାନ୍ ହୁଅ, ଏଥିପାଇଁ ସେ ଧନୀ ହେଲେହେଁ ତୁମ୍ଭମାନଙ୍କ ନିମନ୍ତେ ଦରିଦ୍ର ହେଲେ । [୨ୟ କରନ୍ଥୀ ୮ : ୯] ଆମ୍ଭେମାନେ ଦରିଦ୍ର ହେଲେ ହେଁ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଯୀଶୁ ଓ ମଙ୍ଗଳଦାତା

ପିତା ଈଶ୍ୱରଙ୍କ ଦ୍ୱାରା ଐଶ୍ୱର୍ଯ୍ୟବାନ ଅଛୁଁ । ଯୀଶୁଖ୍ରୀଷ୍ଟଂକ ଅମୂଲ୍ୟ ରକ୍ତ ଦ୍ୱାରା ପାପୀ ମନୁଷ୍ୟ ପାପରୁ ମୁକ୍ତ ହୋଇ ପିତା ଈଶ୍ୱରଂକ ନିକଟବର୍ତ୍ତୀ ହୁଅନ୍ତି । [୧ମ ପିତର ୧ . ୧୯ ଓ ଏଫିସୀ ୨ : ୧୧] । କାରଣ ପ୍ରେମମୟ ପିତା ଏହି ଜଗତକୁ ଏତେ ପ୍ରେମ କଲେ ଯେ ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଏହି ଜଗତକୁ ପ୍ରେରଣ କଲେ । [ଯୋହନ ୩ : ୧୬] । ପାଉଲଙ୍କ ଭାଷାରେ, "କିନ୍ତୁ ଆମ୍ଭେମାନେ ପାପୀ ଥିବା ସମୟରେ ସୁଦ୍ଧା ଖ୍ରୀଷ୍ଟ ଯେ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁ ଭୋଗକଲେ, ସେଥିରେ ଈଶ୍ୱର ଆମ୍ଭମାନଙ୍କ ପ୍ରତି ଆପଣା ପ୍ରେମ ସପ୍ରମାଣ କରୁଅଛନ୍ତି ।" [ରୋମୀୟ ୫ : ୮] । ତାହାଙ୍କୁ ଗ୍ରହଣ କରିବା ଇଚ୍ଛୁକ ବ୍ୟକ୍ତିଙ୍କ ନିମନ୍ତେ ସେ ତ୍ରାଣକର୍ତ୍ତା ଅଟନ୍ତି ।

"... ତେବେ ଯାହାଙ୍କୁ ଖ୍ରୀଷ୍ଟ କହନ୍ତି, ସେହି ଯୀଶୁ ପ୍ରତି ଆମ୍ଭେ କଅଣ କରିବା ?" ପିଲାତଂକ ଏହି ପ୍ରଶ୍ନ, ଆମ୍ଭେମାନେ ପ୍ରତ୍ୟେକଙ୍କୁ ଉତ୍ତେଳିତ କରେ । ଯୀଶୁ କହିଲେ, "ଯଦି ତୁମ୍ଭେମାନେ ମୋତେ ପ୍ରେମକର, ତାହାହେଲେ ମୋହର ଆଜ୍ଞାସବୁ ପାଳନ କରିବ ।" [ଯୋହନ ୧୪:୧୫] । "ଯେ ପୁତ୍ରଠାରେ ବିଶ୍ୱାସ କରେ ସେ ଅନନ୍ତ ଜୀବନ ପ୍ରାପ୍ତ ହୋଇଅଛି । ମାତ୍ର ଯେ ପୁତ୍ରଙ୍କୁ ଅମାନ୍ୟ କରେ, ସେ ଜୀବନ ଦେଖିବ ନାହିଁ । କିନ୍ତୁ ସେ ଈଶ୍ୱରଂକ କ୍ରୋଧର ପାତ୍ର ହୋଇରହିଥାଏ ।" [ଯୋହନ ୪:୩୬] । ପିତାଂକର ଆଜ୍ଞାବହ ଯୀଶୁଖ୍ରୀଷ୍ଟଂକର ପ୍ରତ୍ୟେକ ମନୁଷ୍ୟ ଆଜ୍ଞାବହ ହେବାଗୃହାନ୍ତି । ତାହାଂକ ବିଷୟରେ ଏବ୍ରୀ ପୁସ୍ତକ କର୍ତ୍ତା କହନ୍ତି, "ପୁତ୍ର ହେଲେ ହେଁ ଦୁଃଖ ଭୋଗ ଦ୍ୱାରା ଆଜ୍ଞାବହ ଶିକ୍ଷା କଲେ, ପୁଣି ସିଦ୍ଧ ହୋଇ ନିଜ ଆଜ୍ଞାକାରୀମାନଙ୍କ ପ୍ରତି ଅନନ୍ତ ପରିତ୍ରାଣର କାରଣ ସ୍ୱରୂପ ହେଲେ ।" [ଏବ୍ରୀ ୫ : ୮-୯] । ଆଜ୍ଞାକାରୀମାନଂକ ନିମନ୍ତେ ହେଁ ଅନନ୍ତଜୀବନ ଯେହେତୁ ଯୀଶୁଖ୍ରୀଷ୍ଟ କହନ୍ତି, " ଜଳ ଓ ଆତ୍ମାରୁ ଜନ୍ମ ନ ହେଲେ କେହି ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିପାରେ ନାହିଁ, ତୁମ୍ଭମାନଙ୍କୁ ଅବଶ୍ୟ ପୁନର୍ବାର ଜନ୍ମିବାକୁ ହେବ ବୋଲି ମୁଁ ଯେ ତୁମ୍ଭଙ୍କୁ କହିଲି ଏଥିରେ ଚମତ୍କୃତ ହୁଅ ନାହିଁ ।" [ଯୋହନ ୩ : ୫-୭] ।

ଯୀଶୁଖ୍ରୀଷ୍ଟ ଆପଣା ଅନୁଚରମାନଙ୍କୁ ଏହି ପାପମୟ ଜଗତରେ ତାହାଙ୍କ ପରିତ୍ରାଣରେ ସୁସମାଚାର ପ୍ରକାଶ କରିବା ନିମନ୍ତେ ଆଦେଶ ଦେଇଅଛନ୍ତି । [ରୋମୀୟ ୧ : ୧୬] । "ପୁଣି ସେ ସେମାନଙ୍କୁ କହିଲେ, ତୁମ୍ଭେମାନେ ସମୁଦାୟ ଜଗତକୁ ଯାଇ ସମସ୍ତ ମାନବଜାତି ନିକଟରେ ସୁସମାଚାର ଘୋଷଣା କର ।" [ମାର୍କ ୧୬:୧୫] ତାହାଙ୍କ ବାକ୍ୟ ପାଳନକାରୀମାନେ ପୁନଃଜନ୍ମ ଲାଭକରନ୍ତି । [୧ମ ପିତର ୧:୨୨,୨୩] ସୁସମାଚାରର ଆଜ୍ଞାବହର ଅର୍ଥ ତାହାଙ୍କ ଠାରେ ବିଶ୍ୱାସ କରିବ । "ତେଣୁ ତୁମ୍ଭେମାନେ ଯେ ଆପଣା ୨ ପାପରେ ମରିବ, ମୁଁ ତୁମ୍ଭ-ମାନଙ୍କୁ ଏହା କହିଲି, କାରଣ ମୁଁ ଯେ ସେହି ବ୍ୟକ୍ତି ଏହା ତୁମ୍ଭେମାନେ ବିଶ୍ୱାସ ନକଲେ ଆପଣା ୨ ପାପରେ ମରିବ ।" [ଯୋହନ ୮ : ୨୪] । ମନପରିବର୍ତ୍ତନ ମଧ୍ୟ ଆଜ୍ଞାବହତାରେ ଅନ୍ତର୍ଭୁକ୍ତ ହୁଏ । "ତୁମ୍ଭମାନଙ୍କୁ କହୁଅଛି, ନା, କିନ୍ତୁ ମନପରିବର୍ତ୍ତନ ନକଲେ ତୁମ୍ଭେମାନେ ସମସ୍ତେ ସେହି ପ୍ରକାରେ ବିନଷ୍ଟହେବ ।" [ଲୂକ ୧୩:୩] ତୃତୀୟରେ, ସୁସମାଚାର ଆଜ୍ଞାବହତାରେ, ମନୁଷ୍ୟମାନଙ୍କ ସମ୍ମୁଖରେ ତାହାଙ୍କୁ ଈଶ୍ୱରଙ୍କ ପୁତ୍ରରୂପେ ସ୍ୱୀକାର କରିବା ଅନ୍ତର୍ଭୁକ୍ତ । "ଆଉ ଯେ କେହି ଲୋକଙ୍କ ସାକ୍ଷାତରେ ମୋତେ ସ୍ୱୀକାର କରିବ, ମୁଁ ମଧ୍ୟ ମୋହର ସ୍ୱର୍ଗସ୍ଥ ପିତାଙ୍କ ସାକ୍ଷାତରେ ତାହାଙ୍କୁ ସ୍ୱୀକାର କରିବ ।" [ମାଥିଉ ୧୦ : ୩୨] । ଚତୁର୍ଥରେ, ସୁସମାଚାରର ଆଜ୍ଞାବହତାରେ ତାହାଙ୍କ ମରଣ, ସମାଧି ଓ ପୁନରୁତ୍ଥାନର ସାଦୃଶ୍ୟରେ ଜଳରେ ଡୁବନ ନେବା ଆବଶ୍ୟକ ବୋଲି ରୋମୀୟ ୬ : ୩-୪ ଓ କଲସୀ ୨ : ୧୨ ପଦରୁ ଜାଣିପାରୁ । ଯୀଶୁ କହିଲେ, "ସତ୍ୟ ୨ ମୁଁ ତୁମ୍ଭକୁ କହୁଅଛି, ଜଳ ଓ ଆତ୍ମାରୁ ଜନ୍ମ ନନେଲେ କେହି ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରି ପାରେନାହିଁ ।" [ଯୋହନ ୩ : ୫] । "ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ, ସେ ଦଣ୍ଡାଜ୍ଞା ପାଇବ ।" [ମାର୍କ ୧୬:୧୬] ଏବଂ ୧ମ ପିତର ୩:୨୧, ପ୍ରେରିତ ୨:୩୮ ପଢନ୍ତୁ ।]

ଖ୍ରୀଷ୍ଟଙ୍କ ପ୍ରତି ଆମ୍ଭମାନଙ୍କ ପ୍ରେମ ତାହାଙ୍କ ବାକ୍ୟ ପାଳନ କରିବାଦ୍ୱାରା ପ୍ରମାଣ କରିପାରିବ । ଯୀଶୁଖ୍ରୀଷ୍ଟ ଆପଣଙ୍କୁ ପ୍ରେମ କରନ୍ତି ଓ ଆପଣଙ୍କ ବନ୍ଧୁ ହେବାକୁ ଚାହାନ୍ତି । ସେ ପ୍ରତ୍ୟେକଙ୍କୁ ଆହ୍ୱାନକରି କହନ୍ତି, "ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ, ମୋ ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି ।" [ମାଥିଉ ୧୧ : ୨୮-୩୦]। ତାହାଙ୍କ ଏହି ଆହ୍ୱାନ ସ୍ୱୀକାର କର, କାରଣ ଏହା "ଦେଖ, ଏବେ ମହା ଅନୁଗ୍ରହର ସମୟ, ଦେଖ, ଏବେ ପରିତ୍ରାଣର ଦିନ ।" [୨ୟ କରିନ୍ଥୀ ୬ : ୧-୨] ।

❋

## ଊର୍ଦ୍ଧ୍ୱସ୍ଥାନର ବିଷୟ ସବୁ ଅନ୍ୱେଷଣ କର
## ( Seek those thing which are above )

ଜୀବନରେ ଆମ୍ଭେମାନେ କେଉଁ ୨ ବିଷୟରେ ଆସକ୍ତହେବା ଆବଶ୍ୟକ ସେହି ଗୁଡ଼ିକ ଅବହେଳା କରି ଲଘୁ ବିଷୟ ଗୁଡ଼ିକୁ ଆମ୍ଭମାନଙ୍କ ଜୀବନରେ ପ୍ରଥମ ସ୍ଥାନ ଦେଇଥାଉଁ । ଜଗତର ଭୋଗବିଳାସ, ସାଂସାରିକ ଚିନ୍ତା ପ୍ରଭୃତି ଦ୍ୱାରା ଆପଣା ୨କୁ ବେଷ୍ଟିତ କରି, ପ୍ରଭୁଙ୍କ ଉପାସନା ଓ ତାହାଙ୍କ ଆଜ୍ଞାପାଳନରେ ଅବହେଳା କରି ଥାଉଁ ।

ପ୍ରେରିତ ପାଉଲ କଲସୀ ମଣ୍ଡଳୀକୁ କହନ୍ତି, "ତୁମ୍ଭେମାନେ ଯେବେ ଖ୍ରୀଷ୍ଟଙ୍କ ସହିତ ଉତ୍ଥିତ ହୋଇ ଅଛ, ତେବେ ଈଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଉପବିଷ୍ଟ ଖ୍ରୀଷ୍ଟଙ୍କର ଯେଉଁ ବାସସ୍ଥାନ, ସେହି ଊର୍ଦ୍ଧ୍ୱସ୍ଥାନର ବିଷୟସବୁ ଅନ୍ୱେଷଣ କର ପାର୍ଥିବ ବିଷୟରେ ଆସକ୍ତ ନହୋଇ ଊର୍ଦ୍ଧ୍ୱସ୍ଥ ବିଷୟରେ ଆସକ୍ତ ହୁଅ । କାରଣ ତୁମ୍ଭେମାନେ ମରିଅଛ, ଆଉ ତୁମ୍ଭମାନଙ୍କର ଜୀବନ ଈଶ୍ୱରଙ୍କଠାରେ ଖ୍ରୀଷ୍ଟଙ୍କ ସହିତ ଗୁପ୍ତ ଅଛି । ଆମ୍ଭମାନଙ୍କର ଜୀବନ ସ୍ୱରୂପ ଯେ ଖ୍ରୀଷ୍ଟ, ଯେତେବେଳେ ତୁମ୍ଭେମାନେ ମଧ୍ୟ ତାହାଙ୍କ ସହିତ ଗୌରବରେ ପ୍ରକାଶିତ ହେବ ।" [କଲସୀ ୩ : ୧-୪] ।

ପର୍ବତ ଉପଦେଶରେ ପ୍ରଭୁ ଯୀଶୁ କହିଲେ, "ତୁମ୍ଭେମାନେ ପ୍ରଥମରେ ତାହାଙ୍କ ରାଜ୍ୟ ଓ ଧାର୍ମିକତା ଅନ୍ୱେଷଣ କର ଆଉ ଏହି ସମସ୍ତ ବିଷୟ ମଧ୍ୟ ତୁମ୍ଭମାନଙ୍କୁ ଦିଆଯିବ ।" [ମାଥିଉ ୬ : ୩୩] । ଏହି ବାକ୍ୟର ପୂର୍ବାଂଶରେ ମନୁଷ୍ୟମାନେ କେଉଁ ୨ ବିଷୟରେ ଆସକ୍ତ ଓ ଚିନ୍ତିତ ତାହା ମଧ୍ୟ ସେ ଜଣାଇ ଦିଅନ୍ତି । କୌଣସି ଲୋକ ଦୁଇ ପ୍ରଭୁଙ୍କର ଦାସ ହୋଇପାରେ ନାହିଁ, କାରଣ ସେ ଜଣଙ୍କୁ ଘୃଣା କରିବ ଓ ଅନ୍ୟ ଜଣଙ୍କୁ ପ୍ରେମ କରିବ, ଅଥବା ଜଣଙ୍କ ପ୍ରତି ଅନୁରକ୍ତ ହେବ ଓ ଅନ୍ୟଜଣଙ୍କୁ ଅବଜ୍ଞା କରିବ । ତୁମ୍ଭେମାନେ ଈଶ୍ୱର ଓ ଧନ ଉଭୟର ଦାସ ହୋଇ ପାରନାହିଁ । [ମାଥିଉ ୬:୨୬] ।

"ଊର୍ଦ୍ଧ୍ୱସ୍ଥ ବିଷୟ" ଗୁଡ଼ିକୁ ଆମ୍ଭମାନଙ୍କ ଜୀବନରେ ପ୍ରଥମ ସ୍ଥାନ ଦେବାଆବଶ୍ୟକ । ଅନ୍ୟ ବିଷୟରେ ଧ୍ୟାନ ଦେବା ଅନାବଶ୍ୟକ ବୋଲି ଏହାର ଅର୍ଥ ନୁହେଁ । ଆମ୍ଭମାନଙ୍କ ଜୀବନ ବୃତ୍ତି, ଧନସମ୍ପଦ ପ୍ରଭୃତି ମଧ୍ୟ ଆମ୍ଭମାନଙ୍କ ଜୀବନରେ ପ୍ରାଧାନ୍ୟତା ରହିଅଛି, କିନ୍ତୁ ସର୍ବ ପ୍ରଥମ ପ୍ରାଧାନ୍ୟତା "ଊର୍ଦ୍ଧ୍ୱସ୍ଥ ବିଷୟ" ଗୁଡ଼ିକ, ତଦ୍ଦ୍ୱାରା ଜୀବନର ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟ ଖ୍ରୀଷ୍ଟଙ୍କ ପ୍ରଭାବରେ ପ୍ରଭାବିତ ହୁଏ ।

କଲସୀ ୩ : ୫ ପଦରେ ଆମ୍ଭମାନେ କେଉଁ ୨ ବିଷୟରେ ମୃତ ହେବା ଆବଶ୍ୟକ ପାଉଲ ଆମ୍ଭମାନଙ୍କୁ ଜଣାଇ ଅଛନ୍ତି । ଯଥା:— ଶାରୀରିକ ଅଙ୍ଗପ୍ରତ୍ୟଙ୍ଗର କୁପ୍ରବୃତ୍ତି ଗୁଡ଼ାକ ଅର୍ଥାତ୍ ବ୍ୟଭିଚାର, ଅଶୁଚିତା, କାମ କୁଅଭିଳାଷ ପୁଣି ପ୍ରତିମା ପୂଜା ରୂପ ଲୋଭ । ଜାଗତିକ ବିଷୟରେ ଆସକ୍ତ ହେବାର ଫଳାଫଳ ପାପ ଓ ପାପର ବେତନ ମୃତ୍ୟୁ ।

ବିଶ୍ୱସ୍ତ ଜୀବନଯାପନ କଲେ ଅନନ୍ତ ଜୀବନ ରୂପ ମୁକୁଟ ପ୍ରାପ୍ତ ହେବୁ ବୋଲି ଆମ୍ଭେମାନେ ପ୍ରତିଜ୍ଞାତ ଅଟେଁ । ଜାଗତିକ ବିଷୟରେ ଆସକ୍ତ ହେବା ଲୋକେ ବିଚାର ଦିନରେ ଅନନ୍ତ ଦଣ୍ଡପ୍ରାପ୍ତ ହେବେ । ଖ୍ରୀଷ୍ଟ ଆମ୍ଭମାନଙ୍କୁ ଅନନ୍ତ ଜୀବନ ଦେବା ପାଇଁ ଏହି

ଜଗତକୁ ଅବତରଣ କରିଥିଲେ [ଯୋହନ ୩ : ୧୬] । ଜୀବନରେ ତାହାଙ୍କ ବାକ୍ୟକୁ ପ୍ରଥମ ସ୍ଥାନ ଦେବା ଦ୍ୱାରା ସେହି ଅନନ୍ତ ଜୀବନର ଅଧିକାରୀ ହୋଇ ପାରିବୁ ।

—WAYNE BARRIER

❋

## ଯୀଶୁଙ୍କ ପୁନଃରାଗମନ ସମୟରେ [ଯୋହନ ୧୪:୧-୬]
## (Jesus will come again, (John 14 : 1-6)

୧] ଯୀଶୁ ଖ୍ରୀଷ୍ଟ ଯେପରି ଭାବେ ଶରୀରଧାରୀ ହୋଇ ସ୍ୱର୍ଗକୁ ନୀତ ହୋଇଥିଲେ ଠିକ୍ ସେହିପରି ଭାବେ ଏହି ଜଗତରେ ଅବତରଣ କରିବେ । [ପ୍ରେରିତ ୧ : ୧୦-୧୧] ।

୧] ପ୍ରତ୍ୟେକ ଚକ୍ଷୁ ତାହାଙ୍କୁ ଦର୍ଶନ କରିବ । [ପ୍ରକା. ୧ : ୭] ।

୩] ପ୍ରଧାନ ଦୂତଂକ ସ୍ୱର ଓ ଈଶ୍ୱରଂକ ତୂରୀବାଦ୍ୟ ସହିତ ସ୍ୱର୍ଗରୁ ଅବତରଣ କରିବେ । [୧ମ ଥେସ- ୪ : ୧୬ ଓ ୧ମ କରିନ୍ଥୀ ୧୫-୫୨] ।

୪] ତାହାଂକ ଆଗମନର ସମୟ କେହି ଜାଣନ୍ତି ନାହିଁ । [ମାଥିଉ ୨୪ : ୩୬-୪୪] ।

୫] ତାହାଂକ ଆଗମନର ସମୟ ନିଶ୍ଚିତ, ତେଣୁ ଆମ୍ଭେମାନେ ସର୍ବଦା ପ୍ରସ୍ତୁତ ରହିବା ଆବଶ୍ୟକ । [ମାଥିଉ ୨୪ : ୪୪ ଓ ୧ମ ଥେସ ୪ : ୧୬] ।

୬] ଯୀଶୁ ଆପଣା ପିତାଂକ ନିଜ ଦୂତମାନଂକ ସହିତ ଆଗମନ କରିବେ । [ମାଥିଉ : ୨୭ ଓ ଯିହୁଦା ୧୪] ।

୭] ତାହାଙ୍କ ଆଗମନ ସମୟରେ ତାହାଙ୍କଠାରେ ଥାଇ ଯେଉଁ-ମାନେ ମୃତ ଥିଲେ ପ୍ରଥମେ ଉଠିବେ, ତାପରେ ବିଶ୍ୱସ୍ତ ଜୀବିତ ସମସ୍ତେ ପ୍ରଭୁଙ୍କ ସହିତ ସାକ୍ଷାତ କରିବା ନିମନ୍ତେ ମେଘମାଳାରେ ଶୂନ୍ୟମଣ୍ଡଳକୁ ନୀତ ହେବ ।

୮] ପ୍ରଭୁଯୀଶୁ ଦୂତମାନଙ୍କ ସହିତ ପ୍ରଜ୍ୱଳିତ ଅଗ୍ନି ସହ ସ୍ୱର୍ଗରୁ ପ୍ରକାଶିତ ହୋଇ ଅବିଶ୍ୱସ୍ତ, ଅଜ୍ଞାନ ଓ ଅନାଜ୍ଞାବହମାନଙ୍କୁ ପ୍ରତିଫଳ ଦେବେ । [୨ୟ ଥେସ ୧ : ୭-୧୨] ।

୯] ଖ୍ରୀଷ୍ଟଙ୍କ ପୁନଃରାଗମନ ସମୟରେ ଧାର୍ମିକ ଓ ଅଧାର୍ମିକ ଉଭୟେ ପୁନଃରୁତ୍ଥିତ ହେବେ । [ପ୍ରକାଶିତ ୨୦ : ୧୨-୧୩, ଯୋହନ ୫ : ୨୮-୨୯] ।

୧୦] ତାହାଙ୍କ ଆଗମନ ସମୟରେ ପ୍ରଚଣ୍ଡ ଉତ୍ତାପ ହେତୁ ପୃଥିବୀ ତରଳି ଯିବ । [୨ୟ ପିତର ୩ : ୭-୧୩] ।

୧୧] ଯୀଶୁଖ୍ରୀଷ୍ଟଙ୍କ ପୁନଃରୁତ୍ଥାନ ସମୟରେ ପିତା ପରମେଶ୍ୱର ତାହାଙ୍କ ଅଭିଷିକ୍ତ ପୁତ୍ର ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଏହି ଜଗତର ବିଚାର କରିବେ । [୨ୟ ତୀମଥି ୪ : ୧, ପ୍ରେରିତ ୧୭ : ୩୦-୩୧, ଯିହୂଦା ୧୫, ରୋମୀୟ ୧୪ : ୧୨, ଉପଦେଶକ ୧୨ : ୧୪, ପ୍ରକାଶିତ ବାକ୍ୟ ୨୦ : ୧୨-୧୩] ।

୧୨] ଯୀଶୁ ଆସିବା ସମୟରେ ଧାର୍ମିକମାନଙ୍କୁ ଅଧାର୍ମିକମାନଙ୍କ ଠାରୁ ପୃଥକ କରିବେ । [ମାଥିଉ ୨୫ : ୩୧-୩୩] ।

୧୩ ଯୀଶୁଖ୍ରୀଷ୍ଟ ତାହାଙ୍କ ଆଜ୍ଞାକାରୀ ସମସ୍ତଙ୍କୁ ରକ୍ଷା କରନ୍ତି । ସେମାନେ ନିରନ୍ତର ରାଜତ୍ୱ କରିବେ । [ଏବ୍ରୀ ୫ : ୮-୯, ୨ୟ ତୀମଥି ୪ : ୭-୮, ମାଥିଉ ୭ : ୨୧, ମାର୍କ ୧୬ : ୧୫-୧୬, ମାଥିଉ ୨୮:୧୮-୨୦, ଯୋହନ ୫ : ୨୮-୨୯] ।

୧୪] ଖ୍ରୀଷ୍ଟ ଅବିଶ୍ୱାସୀ, ଅନାଜ୍ଞାବହ ମାନଙ୍କୁ ଦଣ୍ଡାଜ୍ଞା ଦେବେ । [ମାଥିଉ ୭ : ୨୧-୨୩, ଯିହୂଦା ୧୪-୧୫, ପ୍ରକାଶିତ ୨୦ : ୧୪-୧୫] ।

୧୫] ଯୀଶୁ ଆପଣା ରାଜ୍ୟରୂପ ମଣ୍ଡଳୀକୁ ପିତା ପରମେଶ୍ୱରଙ୍କୁ ସମର୍ପିତ କରିବେ । [୧ମ କରନ୍ଥୀ ୧୫ : ୨୪, ମାଥିଉ ୧୬: ୧୮-୧୯] ।

୧୬] ସମସ୍ତର ଲୋପ ହେବ । [ପ୍ରକାଶିତ ୨୨ : ୫] ।

ଆମ୍ଭେମାନେ କିପରି ତାହାଙ୍କ ଆଗମନ ନିମନ୍ତେ ପ୍ରସ୍ତୁତ ହୋଇ ପାରିବା ? [ମାଥିଉ ୨୮ : ୧୮-୨୦, ମାର୍କ ୧୬·୧୫-୧୬] ।

ଯୀଶୁଖ୍ରୀଷ୍ଟଙ୍କ ବାକ୍ୟ ବିଶ୍ୱାସ କରିବା । [ମାଥିଉ ୧୦ : ୩୨-୩୩, ରୋମୀୟ ୧୬ : ୩୨] ।

ମନପରିବର୍ତ୍ତନ କରିବା [ପ୍ରେରିତ ୨ : ୩୮] ।

ତାହାଙ୍କ ନାମ ସ୍ୱୀକାର କରିବା । [ମାଥିଉ ୧୦:୩୨-୩୩, ରୋମୀୟ ୧୦ : ୯-୧୦] ।

ତାହାଙ୍କ ଠାରେ ବାପ୍ତିଜିତ ହେବା [ପ୍ରେରିତ ୨୨:୧୬, ଯୋହନ ୩:୩-୫, ଗଲାତି ୩: ୨୭-୨୯, ରୋମୀୟ ୬ : ୩-୬]।

ଖ୍ରୀଷ୍ଟଙ୍କ ଆଜ୍ଞାପାଳନ କରି ବିଶ୍ୱସ୍ତ ଖ୍ରୀଷ୍ଟିୟାନ ଜୀବନଯାପନ କରିବା [ମାଥିଉ ୨୮ : ୧୮-୨୦, ଲୂକ ୬ : ୪୬, ଯୋହନ ୮ : ୩୧-୩୨] ।

ଅତଏବ, ଜାଗ୍ରତ ଥାଅ, କାରଣ ତୁମ୍ଭମାନଙ୍କ ପ୍ରଭୁ କେଉଁ ଦିନ ଆସିବେ, ତାହା ତୁମ୍ଭେମାନେ ଜାଣ ନାହିଁ । କିନ୍ତୁ ଏହା ଜାଣି ଥାଅ, କେଉଁ ପ୍ରହରରେ ଚୋର ଆସିବ । ଏହା ଗୃହକର୍ତ୍ତା ଯେବେ ଜାଣନ୍ତେ । ତାହାହେଲେ ସେ ଜାଗ୍ରତ ଥାଇ ଆପଣା ଗୃହରେ ସିନ୍ଧି କାଟିବାକୁ ଦିଅନ୍ତେ ନାହିଁ । ଏଣୁ ତୁମ୍ଭେମାନେ ମଧ୍ୟ ପ୍ରସ୍ତୁତ ହୋଇ ଥାଅ, କାରଣ ଯେଉଁ ଦଣ୍ଡରେ ତୁମ୍ଭେମାନେ ମନେ କରୁ ନଥିବ, ସେହି ଦଣ୍ଡରେ ମନୁଷ୍ୟ ପୁତ୍ର ଆସିବେ । ତେବେ ପ୍ରଭୁ ଆପଣା ପରିଜନ ମାନଙ୍କୁ ଯଥା ସମୟରେ ଖାଦ୍ୟ ଦେବା ନିମନ୍ତେ ଯାହାକୁ ସେମାନଙ୍କ ଉପରେ ନିଯୁକ୍ତ କଲେ । ଏପରି ବିଶ୍ୱସ୍ତ ଓ ବୁଦ୍ଧିମାନ ଦାସ କିଏ ? ପ୍ରଭୁ ଆସି ଆପଣାର ଯେଉଁ ଦାସକୁ ସେ ପ୍ରକାର କରୁ ଥିବା ଦେଖିବେ, ସେ ଧନ୍ୟ । [ମାଥିଉ ୨୪ : ୪୨-୪୬] ।

"ଅଦ୍ୟାବଧି ମୋ ନିମନ୍ତେ ଧାର୍ମିକତାର ମୁକୁଟ ରଖା ଯାଇଅଛି । ତାହା ସେହି ମହାଦିନରେ ନ୍ୟାୟବାନ ବିଚାରକର୍ତ୍ତା ପ୍ରଭୁ ମୋତେ ଦେବେ, ପୁଣି କେବଳ ମୋତେ ନୁହେଁ, ମାତ୍ର ଯେତେ

ଲୋକ ତାହାଙ୍କ ଆଗମନକୁ ପ୍ରିୟଜ୍ଞାନ କରନ୍ତି, ସେସମସ୍ତଙ୍କୁ ଦେବେ ।"
[୨ୟ ତୀମଥି ୪ : ୮] ।

ସେହି ଧାର୍ମିକତାର ମୁକୁଟ ପ୍ରାପ୍ତ ହେବା ନିମନ୍ତେ ଆସ ଆମ୍ଭେମାନେ ଧାର୍ମିକତାର ଜୀବନଯାପନ କରୁ । ଧାର୍ମିକ ପିତା ପରମେଶ୍ୱରଙ୍କ ଉପାସନା ନିମନ୍ତେ ଖ୍ରୀଷ୍ଟଙ୍କ ମଣ୍ଡଳୀ ଆପଣଙ୍କୁ ସ୍ୱାଗତ ଜଣାଏ ।

—OWEN COSGROVE

ଶ୍ରୀକେଶ୍ୱରୀ ପ୍ରେସ, ନବରଙ୍ଗପୁର ॥

# GREAT THINGS

## 2 Cor. 13 :5

ITRODUCTION :

1. That which is great is above average, important, valuable, precious.
2. The Bible speaks of many great things.
   a. Great wind.
   b. Great day.
   c. Great joy.
3. Please give some thought to the great things that shall be mentioned.

DISCUSSION :

**A. God is the Greatest being in all the World (Gen. 1:1).**

1. From everlasting to everlasting.
2. He is all powerful.

**Christ is the Greatest sacrifice ever offered on Man's behalf (Acts 8:32,33 ).**

1. God so loved the world that he gave his son.
2. Christ died for the sins of all.

**The Soul is Man's Greatest possession (Matt. 16:26).**

Created in God's own image.

The soul will never die.

**The Gospel contains the Greatest power (Rom. 1:16).**

1. Based on the death, burial, and resurrection of Christ.
2. Has the power to save a soul.

**The Blood is the World's Greatest Cleanser (1John 1:7).**

1. Has power to redeem Man.
2. The Blood of Christ is sinless.

**F. The Church is the Greatest institution in all the World (Acts 2:47).**

1. Christ established it.
2. The Church is composed of the saved.

**G. The name Christian is the World's Greatest Name (Acts 11:26).**

1. One takes on himself the name fo Christ.
2. To be a Christians one must be Christ-like.

**H. The Lord's day is the World's Greatest day (Rev. 1:10).**

1. The first day of the week.

2. The scriptural day of worship.

**I. True Worship is the Greatest Honor that Can be paid God (John 4:24).**

1. The Christian must worship God in spirit and in truth.
2. In worship God is glorified and man is renewed.

**J. The Christian life is the Greatest life that one can live (1Tim. 4:8).**

1. The best life morally and spiritually.
2. The Christian is rewarded continually.

**K. The Devil is the Wold's Greatest Deceiver (1Pet. 5:8).**

1. He is ever seeking whom he may devour
2. Satan controls the majority through his deceit.

**L. Sin is the Greatest Destroyer (Rom. 6:23).**

1. It is continually bringing about disaster.
2. Will not only destroy physically but spiritually as well.

**M. Eternal life is the Greatest prize to ever be offered (Rev. 2:10).**

1. One must be faithful in order to obtain it.
2. All the righteous will receive a crown of life.

CONCLUSION :

1. Take heed as you distinguish the great from the small.
2. Each should strive to be great in the sight of God.
3. God can make one great.

- J. C. Choate.

From
SATYA VANI
P.o. Box 80
KAKINADA - 533 001
Printed Book only

To

(FOR PRIVATE CIRCULATION ONLY)